# ମୁକେଶ କିଶନପୁରିଆ

ବନାମ

ପଶ୍ଚିମ ବଙ୍ଗ ରାଜ୍ୟ

(ବିଶେଷ ଅନୁମତି ଆବେଦନ (ଫୌଜଦାରୀ) ସଂଖ୍ୟା 3224/2010ର)

ମେ 3, 2010

[ ମାର୍କଣ୍ଡେୟ କାଟଜୁ ଏବଂ ଏ. କେ. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ ଦଣ୍ଡ ପ୍ରକ୍ରିୟା ସଂହିତା, 1973:*

*ଧାରା 438- ଆଗୁଆ ଜାମିନ- ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିଲା- ନିର୍ଣ୍ଣିତ ଯେ: ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ଏବଂ ନଥିର ଅନୁଧ୍ୟାନ ସୂଚିତ କରେ ଯେ ଆବେଦନକାରୀଙ୍କୁ ଆଗୁଆ ଜାମିନ ମଞ୍ଜୁର କରିବାର କୌଣସି କାରଣ ନାହିଁ- ତଥାପି, ସେ ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ ଏବଂ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଆବେଦନ ମଧ୍ୟ ଦାଖଲ କରିପାରିବେ, ଯେଉଁ ଆବେଦନର ନିଷ୍ପତ୍ତି ଦାଖଲ ହେବା ଦିନରେ ହିଁ ନିଆଯିବ ।*

ଜାମିନ-ଅନ୍ତରୀଣ ଜାମିନ-ନିର୍ଣ୍ଣିତ ଯେ ନିୟମିତ ଜାମିନ ମଞ୍ଜୁର କରିବାର କ୍ଷମତା ମଧ୍ୟରେ ନିୟମିତ ଜାମିନ ଆବେଦନ ଚୂଡ଼ାନ୍ତ ସମାଧାନ ହେବା ପର୍ଯ୍ୟନ୍ତ, ମଧ୍ୟବର୍ତ୍ତୀକାଳୀନ ଜାମିନ ମଞ୍ଜୁର କରିବାର କ୍ଷମତା ଅନ୍ତର୍ଭୁକ୍ତ-ଏହି କ୍ଷମତା ଜାମିନ ମଞ୍ଜୁର କରିବାର କ୍ଷମତା ମଧ୍ୟରେ ଅନ୍ତର୍ନିହିତ ଅଟେ, ବିଶେଷ କରି ସମ୍ବିଧାନର ଅନୁଚ୍ଛେଦ 21 କୁ ଦୃଷ୍ଟିରେ ରଖି, ଯାହା ବିଚାର କରେ ଯେ ଜଣେ ବ୍ୟକ୍ତିଙ୍କୁ ଜେଲ୍ ଯିବାକୁ ବାଧ୍ୟ କରାଯିବା ଉଚିତ ନୁହେଁ ଯଦି ସେ ମାମଲାର ପ୍ରଥମ ଦୃଷ୍ଟିଗତ ତଥ୍ୟରେ ପ୍ରତିଷ୍ଠିତ କରିପାରିବେ ଯେ ସେ ନିର୍ଦ୍ଦୋଷ-ଭାରତର ସମ୍ବିଧାନ, 1950-ଅନୁଚ୍ଛେଦ 21 ।

ଫୌଜଦାରୀ ଆବେଦନ ଅଧିକାରିତା :ବିଶେଷ ଅନୁମତି ଆବେଦନ (ଅପରାଧିକ)ସଂଖ୍ୟା 3224/2010 ।

C.R.M. ସଂଖ୍ୟା 3810 /2010ରେ କଲିକତାର ଉଚ୍ଚ ନ୍ୟାୟାଳୟଙ୍କର 26.3.2010 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପ୍ରଶାନ୍ତ କୁମାର (ଏପି ଆଣ୍ଡ ଜେ ଚାମ୍ବର୍ସ ପାଇଁ)।

ଉତ୍ତରଦାତାଙ୍କ ପାଇଁ ୟୁ. ୟୁ. ଲଳିତ (ଏନ. ପି.), ରଷି ମାହେଶ୍ୱରୀ, ସୁମିତ ଅତ୍ରି, ଶାଲୀ ଭାସିନ ମାହେଶ୍ୱରୀ, ସୁମନ ଜ୍ୟୋତି ଖୈତାନ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

ଆଦେଶ

1. ଆବେଦନକାରୀ ପାଇଁ ବିଦ୍ୱାନ ଓକିଲଙ୍କ ଶୁଣାଯାଇଥିଲା ।

2. ଏହି ଆବେଦନଟି କଲିକତା ଉଚ୍ଚ ନ୍ୟାୟାଳୟଙ୍କର 26.03.2010 ତାରିଖର ଆକ୍ଷେପିତ ରାୟ ଏବଂ ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି ଯେଉଁଥିରେ ଆବେଦନକାରୀଙ୍କୁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 438 ଅନୁଯାୟୀ କରାଯାଇଥିବା ଆଗୁଆ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି ।

3. ଆମେ ଆକ୍ଷେପିତ ରାୟ ଏବଂ ଆଦେଶ ଅନୁଧ୍ୟାନ କରିଛୁ ଏବଂ ନଥିକୁ ମଧ୍ୟ ଅନୁଧ୍ୟାନ କରିଛୁ । ଆବେଦନକାରୀଙ୍କୁ ଆଗୁଆ ଜାମିନ ପ୍ରଦାନ କରିବାର କୌଣସି କାରଣ ମଧ୍ୟ ଆମେ ଦେଖୁ ନାହୁଁ ।

4. ତେବେ, ଆବେଦନକାରୀ ସମ୍ପୃକ୍ତ ନ୍ୟାୟାଳୟରେ ଉକ୍ତ ଆବେଦନ ସହିତ ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ, ନିୟମିତ ଜାମିନ ଆବେଦନର ଫଏସଲା ହେବା ପର୍ଯ୍ୟନ୍ତ ସେ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଆବେଦନ କରିପାରିବେ । ଆମେ ଅନେକ ଥର ଏହା ସ୍ପଷ୍ଟ କରିଛୁ ଯେ ନିୟମିତ ଜାମିନ ମଞ୍ଜୁର କରିବାର କ୍ଷମତା ମଧ୍ୟରେ ନିୟମିତ ଜାମିନ ଆବେଦନର ଚୂଡ଼ାନ୍ତ ଫଏସଲା ହେବା ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଜାମିନ ମଞ୍ଜୁର କରିବାର କ୍ଷମତା ଅନ୍ତର୍ଭୁକ୍ତ । ବିଶେଷ କରି ଭାରତୀୟ ସମ୍ବିଧାନର ଧାରା 21କୁ ଦୃଷ୍ଟିରେ ରଖି ଜାମିନ ପ୍ରଦାନ କରିବାର କ୍ଷମତା ମଧ୍ୟରେ ଏହି କ୍ଷମତା ଅନ୍ତର୍ନିହିତ ଅଟେ । ଆମର ମତ ହେଉଛି ଯେ ସମ୍ବିଧାନର ଧାରା 21 କୁ ଦୃଷ୍ଟିରେ ରଖି, ଜଣେ ବ୍ୟକ୍ତିଙ୍କୁ ଜେଲ୍ ଯିବାକୁ ବାଧ କରାଯିବା ଉଚିତ୍ ନୁହେଁ ଯଦି ସେ ମାମଲା ପ୍ରଥମ ଦୃଷ୍ଟିଗତ ତଥ୍ୟ ଆଧାରରେ ସେ ନିର୍ଦ୍ଦୋଷ ବୋଲି ପ୍ରତିଷ୍ଠିତ କରିପାରିବେ ।

5. ତେଣୁ, ଯଦି ବର୍ତ୍ତମାନର ଆବେଦନକାରୀ ସମ୍ପୃକ୍ତ ନ୍ୟାୟାଳୟରେ ନିୟମିତ ଜାମିନ ପାଇଁ ଆବେଦନ କରନ୍ତି, ତେବେ ସେ ମଧ୍ୟ ଏହା ସହିତ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଏକ ଆବେଦନ ଦାଖଲ କରିପାରିବେ, ନିୟମିତ ଜାମିନ ଆବେଦନର ଚୂଡ଼ାନ୍ତ ଫଏସଲା ହେବା ପର୍ଯ୍ୟନ୍ତ ଆବେଦନଟିର ନିଷ୍ପତ୍ତି ଦାଖଲ ହେବାର ଦିନରେ ହିଁ ନିଆଯିବ ।

6. ଆମେ ଏହା ମଧ୍ୟ ସ୍ପଷ୍ଟ କରୁଛୁ ଯେ ବିଚାରଣ ନ୍ୟାୟାଳୟ ଜାମିନ ଆବେଦନ ଉପରେ ନିଷ୍ପତ୍ତି ନେବେ, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆକ୍ଷେପିତ ଆଦେଶରେ କରାଯାଇଥିବା କୌଣସି ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଭାବିତ ହେବ ନାହିଁ ।

7. ବିଶେଷ ଅନୁମତି ଆବେଦନର ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ଫଏସଲା କରାଯାଇଛି ।

R.P. ବିଶେଷ ଅନୁମତି ଆବେଦନର ସମାଧାନ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।